# କ୍ଷୟକ୍ଷତି ଆକଳନ ପରେ ଚାଷୀଙ୍କୁ ମିଳିବ ସହାୟତା: ରାଜସ୍ୱମନ୍ତ୍ରୀ

■ତହସିଲ, ଉପନିବନ୍ଧକ କାର୍ଯ୍ୟାଳୟରେ ମନ୍ତ୍ରୀଙ୍କ ସମୀକ୍ଷା
■ଚାଷ କ୍ଷୟକ୍ଷତି ନେଇ ଆଜି ଭୁବନେଶ୍ୱରରେ ବସିବ ବୈଠକ

ରାୟଗଡ଼ା,୨୭ା୧୨(ଆଶିଷ ରଞ୍ଜନ ପଣ୍ଡା)

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଶୁକ୍ରବାର ରାୟଗଡ଼ା ଜିଲା ଗସ୍ତରେ ଆସି ନିଜ ବିଭାଗର ସମୀକ୍ଷା କରିଛନ୍ତି । ଅଦିନିଆ ବର୍ଷାରେ ଚାଷୀଙ୍କ ବ୍ୟାପକ କ୍ଷତି ଘଟିଥିବା ବିଷୟକୁ ମନ୍ତ୍ରୀ ସ୍ୱୀକାର କରିବା ସହ କ୍ଷେତ୍ରରେ ସ୍ଥିତି ଅନୁଧ୍ୟାନ ଚାଲିଛି। ଶନିବାର ଭୁବନେଶ୍ୱରଠାରେ କୃଷି, ସମବାୟ ଓ ରାଜସ୍ୱ ବିଭାଗର ଅଧିକାରୀଙ୍କୁ ନେଇ କ୍ଷୟକ୍ଷତି ଉପରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ରହିଥିବା ସେ ସୂଚନା ଦେଇଛନ୍ତି । ଏହାପରେ ୩ ବିଭାଗ ପକ୍ଷରୁ ଯୁଗ୍ମ ରିପୋର୍ଟ ହସ୍ତଗତ ହେବା ପରେ ଚାଷୀଙ୍କୁ କ୍ଷୟକ୍ଷତି ପ୍ରଦାନ କରାଯିବ ବୋଲି କହିଛନ୍ତି। ସେହିଭଳି ଫସଲ ବୀମା ପ୍ରଦାନ ପାଇଁ ବୀମା କମ୍ପାନୀଙ୍କ ସହ ଆଲୋଚନା ମଧ କରାଯାଇଛି। ଚାଷୀ ମଧ ନିଜର ଅଭିଯୋଗ ପୋର୍ଟାଲରେ ଦାଖଲ କରିବାକୁ ସେ ପରାମର୍ଶ ଦେଇଥିଲେ। ସେହିଭଳି ମଣ୍ଡିରେ ଯେଉଁ ସମସ୍ୟା କୃଷକଙ୍କ ପାଇଁ ସୃଷ୍ଟି ହେଉଛି ତାହା ସମାଧାନ ହେଉଛି ବୋଲି ମନ୍ତ୍ରୀ ପୂଜାରୀ କହିଛନ୍ତି।

ଏଥିସହ ଜିଲାର ସମସ୍ତ ଯୋଗ୍ୟ ଭୂମିହୀନଙ୍କୁ ଅନୁସନ୍ଧାନକରି ସେମାନଙ୍କୁ ବସୁନ୍ଧରା ଯୋଜନାରେ ସାମିଲକରି ୪ ଡେସିମିଲ ଜମି ପ୍ରଦାନ ପାଇଁ ବୈଠକରେ ଆଲୋଚନା ହୋଇଥିଲା । ରାଜସ୍ୱ ନିରୀକ୍ଷକମାନେ ଦିନକୁ ଜଣେ ଭୂମିହୀନଙ୍କୁ ଚିହ୍ନଟକରି ରିପୋର୍ଟ ଦାଖଲ ପାଇଁ ନିର୍ଦ୍ଦେଶ ଦେଇଥିଲେ । ଏହି ଯୋଜନାରେ ପ୍ରଥମେ ଅନୁସୂଚିତ ଜନଜାତି ଓ ଜାତି ବର୍ଗକୁ ପ୍ରାଥମିକତା ଦେବା ପାଇଁ ନିର୍ଦ୍ଦେଶ ରହିଛି। ଏଥିସହ ଜିଲାରେ କେତେ ପ୍ରତିଶତ ଭୂମିହୀନ ବସୁନ୍ଧରା ଯୋଜନାରେ ସାମିଲ ହୋଇଛନ୍ତି ସେ ନେଇ ଆଲୋଚନା କରିଥିଲେ। ସେହିଭଳି ଜାତିଗତ ପ୍ରମାଣପତ୍ର, ଆୟ ପ୍ରମାଣପତ୍ର ଭଳି ପ୍ରଥମ ଆବଶ୍ୟକତା ତୁରନ୍ତ ପୂରଣ କରିବାକୁ କହିଥିଲେ। ଓଏଲ୍ଆର୍ ଆଇନରେ କିଛି ସଂଶୋଧନ ପାଇଁ ରାଜ୍ୟ ସରକାର ବିଚାର କରୁଥିବାବେଳେ ଓଜିଏଲ୍ ଆଇନ ସମୀକ୍ଷା କରି ସଂସ୍କାର ଅଣାଯିବା ସହ ରାଜ୍ୟରେ ଉପଖଣ୍ଡ, ତହସିଲ ଓ ବ୍ଲକ୍ ସଂଖ୍ୟା ବଢ଼ିବ ବୋଲି ସେ କହିଛନ୍ତି। ରାଜ୍ୟର ବିଭିନ୍ନ ସ୍ଥାନରୁ ଏସବୁର ଦାବି ସରକାରଙ୍କ ନିକଟରେ ପହଞ୍ଚିଛି ଏବଂ ସରକାର ଏହାର ଅନୁଧ୍ୟାନ କରୁଛନ୍ତି। କାରଣ ୫୦ ବର୍ଷରୁ ଅଧିକ ସମୟ ହେବ ବ୍ଲକ୍ ବିଭାଜନ ହୋଇ ନ ଥିବାରୁ ପ୍ରଥମେ ନୂତନ ତହସିଲ ଓ ବ୍ଲକ୍ ଗଠନ ହେବ। ଏହାପରେ ନୂତନ ରାଜସ୍ୱ ଉପଖଣ୍ଡ ଗଠନ କରାଯିବ ବୋଲି ମନ୍ତ୍ରୀ ପୂଜାରୀ କହିଛନ୍ତି। ପରେ ମନ୍ତ୍ରୀ ପୂଜାରୀ ରାୟଗଡ଼ା ଉପନିବନ୍ଧକ କାର୍ଯ୍ୟାଳୟକୁ ଯାଇ ଜମି କିଣାବିକା ସ୍ଥିତି ସମ୍ପର୍କରେ ପଚାରିଥିଲେ। ଏହି ଅବସରରେ ରାୟଗଡ଼ାର ଆଇନଜୀବୀମାନେ ପହଞ୍ଚି ରାଜସ୍ୱ କାମ ବିଳମ୍ବ ହେଉଥିବା ଓ ଲୋକଙ୍କୁ ଠିକ୍ ସେବା ମିଳୁ ନ ଥିବା ଅଭିଯୋଗ କରିଥିଲେ। ପରେ ମନ୍ତ୍ରୀ ଆଇନଜୀବୀଙ୍କ ସହ ମିଶି କୋର୍ଟ ପରିସରରେ ଥିବା ବାର୍ ଆସୋସିଏସନ କାର୍ଯ୍ୟାଳୟକୁ ଯାଇ ସେଠାରେ ପୁନର୍ବାର ଆଇନଜୀବୀଙ୍କ ସହ ଆଲୋଚନା ହୋଇଥିଲା। ଏହାପରେ ଉପମୁଖ୍ୟମନ୍ତ୍ରୀ ତଥା କୃଷିମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ଓ ମନ୍ତ୍ରୀ ସୁରେଶ ପୂଜାରୀ ଜେମାଦେଈପେଣ୍ଠ ମଣ୍ଡିକୁ ଯାଇଥିଲେ। ସେଠାରେ ଚାଷୀ ଓ ଲ୍ୟାମ୍ପ କର୍ତ୍ତୃପକ୍ଷଙ୍କ ସହ ଧାନକିଣା ଓ ବିଭିନ୍ନ କଥା ନେଇ ଆଲୋଚନା କରିଥିଲେ । ମନ୍ତ୍ରୀ ପୂଜାରୀଙ୍କ ଏହି ସମୀକ୍ଷା ବେଳେ ଉପଜିଲାପାଳ କଲ୍ୟାଣୀ ସଂଘମିତ୍ରା ଦେବୀ, ତହସିଲଦାର ପ୍ରିୟଦର୍ଶନୀ ସ୍ୱାଇଁ, ଅତିରିକ୍ତ ତହସିଲଦାର ଦେବାଶିଷ ବିଶ୍ୱାସ ଓ ଉପନିବନ୍ଧକ ପର୍ଶୁରାମ ଭତ୍ରା ପ୍ରମୁଖ ଉପସ୍ଥିତ ଥିଲେ।


ତହସିଲ କାର୍ଯ୍ୟାଳୟରେ ଉପଜିଲାପାଳ, ତହସିଲଦାର ଓ ଅନ୍ୟମାନଙ୍କ ସହ ସମୀକ୍ଷା କରୁଛନ୍ତି ମନ୍ତ୍ରୀ ସୁରେଶ ପୂଜାରୀ।

# ସ୍ଥଗିତହେଲା ଲୋକ ମହୋତ୍ସବ 'ଚଇତି-୨୦୨୪'

ଜାନୁଆରୀ ୨ରୁ ୫ ପାଳନ ହେବ ଚଇତି

ରାୟଗଡ଼ା,୨୭ା୧୨(ଆଶିଷ ରଞ୍ଜନ ପଣ୍ଡା)

ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂଙ୍କ ମୃତ୍ୟୁ ପରେ କେନ୍ଦ୍ର ସରକାର ୭ ଦିନିଆ ରାଷ୍ଟ୍ରୀୟ ଶୋକ ପାଳନ ନେଇ ଘୋଷଣା କରିଛନ୍ତି । ତେଣୁ ଡିସେମ୍ବର ୨୬ରୁ ଆରମ୍ଭ ହୋଇଥିବା ଜିଲାସ୍ତରୀୟ ଲୋକ ମହୋତ୍ସବ ଚଇତି -୨୦୨୪ ସ୍ଥଗିତ ରଖିବା ନେଇ ଜିଲାପାଳ ତଥା ଜିଲା ସଂସ୍କୃତି ପରିଷଦ ଅଧକ୍ଷା ପାରୁଲ ପଟୱାରି ଏ ନେଇ ଚିଠି ଜାରି କରିବା ସହିତ ଭିଡିଓ ବାର୍ତ୍ତା ଜାରି କରିଛନ୍ତି । ପୂର୍ବତନ ପ୍ରଧାନମନ୍ତ୍ରୀଙ୍କ ଦେହାନ୍ତ କାରଣରୁ ରାଷ୍ଟ୍ରୀୟ ଶୋକ ପାଳନ ପାଇଁ ଘୋଷଣା ପରେ ଏହି ନିଷ୍ପତ୍ତି ନିଆଯାଇଥିବା ଜିଲାପାଳ ସୂଚନା ଦେଇଛନ୍ତି। ଚଇତି ଆସନ୍ତା ଜାନୁଆରୀ ୨ ରୁ ୪ ତାରିଖ ପର୍ଯ୍ୟନ୍ତ ପାଳନ ହେବ ଏବଂ ସମସ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଜିଲାପାଳ କହିଛନ୍ତି ।

# ଚଇତିରେ ମାଣ୍ଡିଆ ତିଆରି ଗୁପ୍‌ଚୁପ୍‌ର ଚାହିଦା



ଚଇତି ମେଳାରେ ଏସ୍ଏସ୍ଜି ମହିଳାମାନେ ମାଣ୍ଡିଆରେ ପ୍ରସ୍ତୁତ ଖାଦ୍ୟ ବିକ୍ରୀ କରୁଛନ୍ତି ।

ଟିକିରି,୨୭ା୧୨ (ପ୍ରଫୁଲ୍ଲ କୁମାର ବେହେରା)

ରାୟଗଡ଼ା ଜିଲାସ୍ତରୀୟ ଲୋକ ମହୋତ୍ସବ 'ଚଇତି' ମେଳାରେ କାଶୀପୁର ବ୍ଲକ୍ ଅନ୍ତର୍ଗତ ଶଙ୍କରଡ଼ା ଗ୍ରାମର ଏସ୍ଏଚ୍‌ଜିଙ୍କ ଦ୍ୱାରା ବିକ୍ରି ହେଉଥିବା ମାଣ୍ଡିଆରେ ତିଆରି ଗୁପ୍‌ଚୁପ୍ ଷ୍ଟଲ ନିକଟରେ ଲୋକଙ୍କ ଭିଡ଼ ଜମୁଛି। ଚଇତି ମେଳାରେ ବିଶେଷ ଆକର୍ଷଣ ରହିଛି ଷ୍ଟଲ ନମ୍ବର ୮୦ରେ ମିଳୁଥିବା ମାଣ୍ଡିଆ ଗୁପ୍‌ଚୁପ୍। ଆଇଡିବିଆଇ ବ୍ୟାଙ୍କ ସହାୟତାରେ ଇଡିଆଇଆଇ ପକ୍ଷରୁ ପ୍ରଶିକ୍ଷଣ ନେଇଥିବା ଶଙ୍କରଡ଼ା ଗ୍ରାମର ମହିଳାମାନେ ମାଣ୍ଡିଆରେ ପ୍ରସ୍ତୁତ ବିଭିନ୍ନ ସୁସ୍ୱାଦୁ ସାମଗ୍ରୀ ପ୍ରସ୍ତୁତକରି ବିକ୍ରିକରି ଆଜି ସ୍ୱାବଲମ୍ବୀ ହୋଇପାରିଛନ୍ତି। ଆଗାମୀ ଦିନରେ ନିଜ ଅଞ୍ଚଳରେ ରୋଜଗାର ସୃଷ୍ଟି ସହ ଉତ୍ତମ ମାନର ଖାଦ୍ୟ ଯୋଗାଇବାକୁ ମହିଳା ଉଦ୍ୟୋଗୀମାନେ ଲକ୍ଷ୍ୟ ରଖିଥିବା କହିଛନ୍ତି।

# ଡକାୟତି ମାମଲାରେ ୨ଜଣଙ୍କୁ ୫ ବର୍ଷ ଜେଲ

ବାଲିଗୁଡ଼ା,୨୭ା୧୨(ସଞ୍ଜୟ କୁମାର ପାଣିଗ୍ରାହୀ)

ଜଣେ ବ୍ୟବସାୟୀଙ୍କ ଘରେ ପଶି ୫ ଜଣ ଦୁର୍ବୃତ୍ତ ମାରଣାସ୍ତ୍ର ଦେଖାଇ ଘରୁ ସୁନା, ରୁପା ଗହଣା ଓ ଟଙ୍କା ଲୁଟିଥିବା ମାମଲାର ବିଚାର କରି ୨ଜଣଙ୍କୁ ୫ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରାଯାଇଛି। ବାଲିଗୁଡ଼ା ସହକାରୀ ଦୌରାଜଜ୍ ଅପୂର୍ବ ରାୟ ସାକ୍ଷ୍ୟ ପ୍ରମାଣକୁ ଭିତ୍ତି କରି ରାକେଶ ଗୁଲୁ କୁମାର ନାୟକ ଓ ରଞ୍ଜିତ କୁମାର ନାୟକଙ୍କୁ ୫ ବର୍ଷ ସଶ୍ରମ କାରାଦଣ୍ଡ ଦେଇଥିଲେ । ଏନେଇ କେ.ରାମକୃଷ୍ଣ ପାତ୍ରଙ୍କ ଅଭିଯୋଗକ୍ରମେ ବାଲିଗୁଡ଼ା ଥାନାରେ ଏକ ମାମଲା ରୁଜୁ ହୋଇ ତଦନ୍ତ ଚାଲିଥିଲା ।

# ୧୨ରୁ କ୍ରୀଡ଼ା ଉତ୍ସବ, ୨୭ରୁ ବଂଶଧାରା କପ୍


ବୈଠକରେ କ୍ରୀଡ଼ା ପରିଷଦ କର୍ମକର୍ତ୍ତା ଆଲୋଚନା କରୁଛନ୍ତି।

ଗୁଣପୁର,୨୭ା୧୨
(ପ୍ରଦୀପ କୁମାର ପାଢ଼ୀ )

ତ୍ରୟୋଦଶ ରାଜ୍ୟସ୍ତରୀୟ ବଂଶଧାରା ବସନ୍ତ ମହୋତ୍ସବ ପାଇଁ ଗୁରୁବାର ସନ୍ଧ୍ୟାରେ ଗୁଣପୁର କ୍ରୀଡ଼ା ପରିଷଦ ପକ୍ଷରୁ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାର ରୂପରେଖ ସହ ତାରିଖ ଓ ସ୍ଥାନ ନିର୍ଦ୍ଧାରଣ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବାଘୁଆ ମନ୍ଦିର ନିକଟସ୍ଥ ଚର୍ଚ୍ଚ କ୍ୟାମ୍ପସରେ କ୍ରୀଡ଼ା ପରିଷଦର ସମ୍ପାଦକ ସପନ ଦାସଙ୍କ ସଂଯୋଜନା କ୍ରମେ ବୈଠକ ଆୟୋଜିତ ହୋଇଥିଲା। ଜାନୁଆରୀ ୧୨ ତାରିଖରେ ମଶାଲ ଶୋଭାଯାତ୍ରା କରାଯାଇ ମେଗା କ୍ରୀଡା ଉତ୍ସବ ଉଦ୍‌ଘାଟନ ହେବ । ସେବା ସମାଜ ସମ୍ମୁଖ ପଡ଼ିଆରେ ଦୌଡ଼ ଓ ଗାଁ କବାଡି ଇତ୍ୟାଦି ଖେଳ ସହ ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମ ହେବ ବୋଲି ନିଷ୍ପତ୍ତି ହୋଇଛି। ସେହି ଦିନ ହିଁ ମିନି ଷ୍ଟାଡିୟମରେ ସୋମନାଥ ପାତ୍ର ଟେନିସ୍ ବଲ କ୍ରିକେଟ ଟୁର୍ନାମେଣ୍ଟ ଆରମ୍ଭ ହୋଇ ୧୫ରେ ସରିବ। ୧୨ ଓ ୧୩ ତାରିଖରେ କାଳୀପୂଜା ମଣ୍ଡପରେ ଦକ୍ଷିଣ ଓଡ଼ିଶା ସ୍ତରୀୟ ପାୱାର ଲିଫ୍‌ଟିଂ ଓ ବଡି ବିଲ୍ଡିଂ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଜାନୁଆରୀ ୧୬ରେ ପୁରୁଣା ଗୁଣପୁର ପଡ଼ିଆରେ ଯୁଧିଷ୍ଠିର ମହାକୁଡ ଭଲିବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହେବ। ଜାନୁଆରୀ ୨୦ ରୁ ୨୬ ଯାଏଁ ଚର୍ଚ୍ଚ କ୍ୟାମ୍ପସ ଭିତରେ ଆଇ. ରାମବାବୁ ସ୍ମାରକୀ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ ହେବ। ବଳରାମ ପଣ୍ଡା ସ୍ମାରକୀ ଆନ୍ତଃରାଜ୍ୟ ଡ୍ୟୁଜ ବଲ କ୍ରିକେଟ ଟୁର୍ନାମେଣ୍ଟ (ବଂଶଧାରା କପ୍) ଜାନୁଆରୀ ୨୭ରେ ମିନି ଷ୍ଟାଡିୟମରେ ଆରମ୍ଭ ହେବ। ଏହି ଟୁର୍ନାମେଣ୍ଟରେ ରାଜ୍ୟ ଓ ରାଜ୍ୟ ବାହାରର ସୁନାମଧନ୍ୟ ଖେଳାଳିଙ୍କୁ ସାମିଲ କରିବା ସହ ଶୃଙ୍ଖଳା ଓ ସୁନ୍ଦର ଉପରେ ଅଧିକ ଧ୍ୟାନଦେବାକୁ ଆଲୋଚନା ହୋଇଥିଲା। ଏହି ଆଲୋଚନା ବେଳେ ଅବସରପ୍ରାପ୍ତ କ୍ରୀଡ଼ା ଅଧ୍ୟାପକ ଦେବପ୍ରସାଦ ପାଢ଼ୀ, ଦେବୀ ପ୍ରସାଦ ଆଚାର୍ଯ୍ୟ, କୃଷ୍ଣ ସେନାପତି, ମୁନା ପାଣି, ଅଜିତ ପଣ୍ଡା, ମୁନା ପାଢ଼ୀଙ୍କୁ ନେଇ ଏକ କ୍ରୀଡ଼ା କୋର୍ କମିଟି ଗଠନ କରାଯାଇଥିଲା। ଇପିଲି ସାବରିସଙ୍କୁ ସର୍ବ କ୍ରୀଡ଼ା ପ୍ରମୁଖ ଦାୟିତ୍ୱ ଦିଆଯାଇଥିଲା।

# ଭାଲେରି ମଣ୍ଡିରେ ଆରମ୍ଭହେଲା ଧାନକିଣା

ବିଷମକଟକ, ୨୭ା୧୨
(ପ୍ରସନ୍ନ କୁମାର ପଣ୍ଡା)

ବିଷମକଟକ ବ୍ଲକ ଅନ୍ତର୍ଗତ ଦୁର୍ଗୀ ପଞ୍ଚାୟତର ଭାଲେରି ମଣ୍ଡିରେ ଚାଷୀଙ୍କଠାରୁ ଧାନ କିଣା ଆରମ୍ଭ ହୋଇଛି। ଗତ ୧୭ ତାରିଖରୁ ବିଷମକଟକରେ ଚଳିତବର୍ଷର ଧାନ ମଣ୍ଡି ଆରମ୍ଭ ହୋଇଥିବା ବେଳେ ଗୁରୁବାର ଓ ଶୁକ୍ରବାର ୨ଦିନ ଭାଲେରୀରେ ଧାନ ମଣ୍ଡି ରହିଛି। ଗୁରୁବାର ୯ ଜଣ ଚାଷୀଙ୍କଠାରୁ ୩୮୦ କୁଇଣ୍ଟାଲ ଧାନ କ୍ରୟ କରାଯାଇଛି। ଦୁର୍ଗୀର ସତ୍ୟ ନାରାୟଣ ରାଇସ ମିଲ ଓ ମା' ମାଣିକେଶ୍ୱରୀ ରାଇସ ମିଲ ଚାଷୀଙ୍କଠାରୁ ଧାନ କିଣଛନ୍ତି। ସେହିଭଳି ଶୁକ୍ରବାର ଭାଲେରିସ୍ଥିତ ମଣ୍ଡିରେ ୧୧ ଜଣ ଚାଷୀଙ୍କ ଠାରୁ ୪୬୪ କୁଇଣ୍ଟାଲ ଧାନ କ୍ରୟ କରାଯାଇଥିବା ବିଷମକଟକ ସମବାୟ ସମିତିର ଏମ୍‌ଡି ଶାନ୍ତନୁ ସାହୁ ସୂଚନା ଦେଇଛନ୍ତି। ଏଫ୍ଏକ୍ୟୁ ମାନର ଧାନକୁ ନେଇ ବହୁତ ବାଦବିବାଦ ପରେ ସପ୍ତମ ପର୍ଯ୍ୟାୟରେ ଶୁକ୍ରବାର ଭାଲେରି ମଣ୍ଡିରୁ ଧାନ ଉଠିବା ଆରମ୍ଭ ହୋଇଛି। ପୂର୍ବରୁ ୬ଟି ମଣ୍ଡିରୁ ଧାନ ଉଠି ନ ଥିବା ବେଳେ ଅଷ୍ଟମ ଦିନରେ ଦୁଇଟି ମଣ୍ଡିରୁ ଧାନ କିଣା ଆରମ୍ଭ ହୋଇଛି। ଏହି ୧୧ ଜଣ ଚାଷୀଙ୍କ ଠାରୁ ଆଜି ତିନୋଟି ମିଲର ଧାନ କିଣିଛନ୍ତି। ଧାନ ମଣ୍ଡିରେ ନୋଡାଲ ଅଫିସର, ସମବାୟ ସମିତିର କର୍ମଚାରୀ, ନିୟନ୍ତ୍ରଣ ବଜାର କମିଟିର କର୍ମଚାରୀ, ସମବାୟ ସମିତିର ଏମ୍‌ଡି ସାନ୍ତନୁ ସାହୁ, ମିଲର ଓ ଚାଷୀ ମାନେ ଉପସ୍ଥିତ ଥିଲେ।


ମଣ୍ଡିରେ ଧାନ ମାନ ନିରୀକ୍ଷଣ କରାଯାଉଛି।

# ରାମନାଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସର୍ଜରି ବିଶେଷଜ୍ଞ ନିଯୁକ୍ତ

ରାମନାଗୁଡା, ୨୭ା୧୨ (ସଞ୍ଜୟ ପ୍ରଧାନ )

ରାୟଗଡ଼ା ଜିଲା ରାମନାଗଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସର୍ଜର ବିଶେଷଜ୍ଞ ଡା ଅଭିଷେକ ପଟ୍ଟନାୟକଙ୍କୁ ରାଜ୍ୟ ସରକାର ନିଯୁକ୍ତି ଦେଇଛନ୍ତି। ସୂଚନା ଥାଉକି, ରାମନାଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବିଭିନ୍ନ ବିଶେଷଜ୍ଞ ପଦବୀ ଖାଲି ପଡ଼ିଥିବା ନେଇ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା। କିଛିଦିନ ପୂର୍ବେ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ରାୟଗଡା ଜିଲା ଗସ୍ତ ସମୟରେ ରାମନାଗୁଡା ଭାରତୀୟ ଜନତା ପାର୍ଟିର କର୍ମୀଙ୍କ ସମେତ ସ୍ଥାନୀୟ ଅଞ୍ଚଳବାସୀ ଅଞ୍ଚଳର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିବା ସହ ରାମନାଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଖାଲି ପଡ଼ିଥିବା ବିଶେଷଜ୍ଞ ପଦବୀଗୁଡ଼ିକ ତୁରନ୍ତ ପୂରଣ ପାଇଁ ଦାବିପତ୍ର ପ୍ରଦାନ କରିଥିଲେ। ଏହି ସମସ୍ୟାକୁ ନେଇ ରାଜ୍ୟ ସରକାର ହୃଦୟଙ୍ଗମକରି ସ୍ୱାସ୍ଥ୍ୟକେନ୍ଦ୍ରରେ ସର୍ଜରି ବିଶେଷଜ୍ଞଙ୍କୁ ନିଯୁକ୍ତି ଦେଇଥିବାରୁ ରାମନାଗୁଡା ମଣ୍ଡଳ ଭାରତୀୟ ଜନତା ପାର୍ଟିର ସମସ୍ତ ସଦସ୍ୟଙ୍କ ସହ ଅଞ୍ଚଳବାସୀ, ବୁଦ୍ଧିଜୀବୀ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ, ଅନୁସୂଚିତ ଜାତି ଓ ଜନଜାତି ତଥା ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କୁ ଧନ୍ୟବାଦ ଜଣାଇଛନ୍ତି।

# ଛାତ୍ରଙ୍କ ଝୁଲନ୍ତା ମୃତଦେହ ଜବତ

ଗୁଣୁପୁର,୨୭ା୧୨
(ପ୍ରଦୀପ କୁମାର ପାଢ଼ୀ)

ଗୁଣପୁର ବ୍ଲକ୍ ଡମ୍ବସରା ଗ୍ରାମର ପୁଟ ସାହିରେ ରହୁଥିବା ଯୁକ୍ତ ୨ କଳା ବିଭାଗ ପ୍ରଥମ ବର୍ଷ ଛାତ୍ରଙ୍କ ଝୁଲନ୍ତା ମୃତଦେହକୁ ପୋଲିସ ଜବତ କରିଛି। ମୃତ ଛାତ୍ର ହେଲେ ବିନୟ ଶବର(୧୬) । ତାଙ୍କ ଘର ପୁଟାସିଂ ଥାନା ଅନ୍ତର୍ଗତ ବଡମସିଂ ଗ୍ରାମରେ ବୋଲି ଜଣାପଡିଛି। ଘଟଣାସ୍ଥଳରେ ଗୁଣପୁର ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ବିନୟ ଭଡ଼ାଘରେ ରହି ଡମ୍ବସରା ଡ. ଆମ୍ବେଡକର ଯୁକ୍ତ ୨ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅଧ୍ୟୟନ କରୁଥିଲେ। ଶୁକ୍ରବାର ଛାତ୍ରଙ୍କ ଝୁଲନ୍ତା ମୃତଦେହ ଦେଖି ସ୍ଥାନୀୟ ଲୋକେ ଗୁଣପୁର ପୋଲିସକୁ ଖବର ଦେଇଥିଲେ। ପୋଲିସ ମୃତଦେହ ଜବତ କରିବା ସହ ଗୁଣପୁର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟବଚ୍ଛେଦକରି ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛି। ଛାତ୍ର ଜଣକ କାହିଁକି ଆତ୍ମହତ୍ୟାକଲେ ତା'ର କାରଣ ଜଣାପଡ଼ି ନାହିଁ।

# ପିଏମ୍ ପୋଷଣ ଯୋଜନାରେ ପାଚିକାଙ୍କୁ ତାଲିମ

ଗୁଡାରି,୨୭ା୧୨ (ପ୍ରମୋଦ ପତି )

ଗୁଡାରି ସରକାରୀ ହାଇସ୍କୁଲରେ ପିଏମ୍ ପୋଷଣ ଯୋଜନାର ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସଂଗୁଡା ରୂପମାଝୀ ଉପସ୍ଥିତି ରହି ବ୍ଲକର ବିଭିନ୍ନ ବିଦ୍ୟାଳୟରେ କାର୍ଯ୍ୟରତ ପାଚିକାଙ୍କୁ କାର୍ଯ୍ୟକ୍ରମ ସମ୍ପର୍କରେ ଅବଗତ କରାଇଥିଲେ। ବିଦ୍ୟାଳୟରେ ପାଚିକାମାନଙ୍କର ଦାୟିତ୍ୱ ଓ କର୍ତ୍ତବ୍ୟ ସମ୍ପର୍କରେ ତାଲିମ ପ୍ରଦାନ କରାଯାଇଥିଲା। ଜଣେ ପାଚିକା କିପରି ଦାୟିତ୍ୱ ସମ୍ପନ୍ନ ରହି ବିଦ୍ୟାଳୟ ପରିସରକୁ ପରିଷ୍କାର ଓ ପରିଚ୍ଛନ୍ନତା ରଖିବା ସହ ସ୍ୱାସ୍ଥ୍ୟକର ଓ ପୁଷ୍ଟିକର ମଧ୍ୟାହ୍ନଭୋଜନ ପ୍ରସ୍ତୁତ କରିବେ ସେ ନେଇ ଅଧିକାରୀମାନେ ତାଲିମ ଦେଇଥିଲେ। ତାଲିମପ୍ରାପ୍ତ ସମସ୍ତ ପାଚିକାଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ଖାଦ୍ୟ ନିରାପତ୍ତା ଓ ସ୍ୱଚ୍ଛତା ତାଲିମ ପରେ ତାଲିମ ନେଉଥିବା ପାଚିକାଙ୍କ ମଧ୍ୟରେ ଖାଦ୍ୟ ପ୍ରତିଯୋଗିତା ହୋଇଥିଲା। ଶିବିରରେ ୧୦୦ ଜଣ ପାଚିକା ତାଲିମ ନେଇଥିଲେ। ଏହି କାର୍ଯ୍ୟକ୍ରମରେ ଶିକ୍ଷକ ନୀଳାଞ୍ଚଳ ମିଶ୍ର, ସୁବାସ ଗୌଡ଼, ରବି କୁମାର ନିମାଲ ତାଲିମ ପ୍ରଦାନ କରିଥିବା ବେଳେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଦୁଷ୍ମନ୍ତ କୁମାର ମିଶ୍ର ପର୍ଯ୍ୟବେକ୍ଷକ ଭାବେ ଦାୟିତ୍ୱ ତୁଲାଇଥିଲେ। ମଧ୍ୟାହ୍ନଭୋଜନ ବିଭାଗର ଡାଟା ଏଣ୍ଟ୍ରି ଅପରେଟର ଷ୍ଟିଫେନ୍ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶନିବାର ଏହି ତାଲିମ ଶିବର ଉଦଯାପିତ ହେବ।



ଅଧିକାରୀଙ୍କ ସହ ମାନପତ୍ର ପାଇଥିବା ପାଚିକା।

# ଉନ୍ନୟନ ଯୋଜନାର ସମୀକ୍ଷାକଲେ ଉପ ମୁଖ୍ୟମନ୍ତ୍ରୀ ସିଂଦେଓ

ରାୟଗଡା,୨୭ା୧୨(ଆଶିଷ ରଞ୍ଜନ ପଣ୍ଡା)

ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଶୁକ୍ରବାର ଦିନିକିଆ ରାୟଗଡ଼ା ଜିଲା ଗସ୍ତରେ ଆସି ବିଭିନ୍ନ ଉନ୍ନୟନ ଯୋଜନାର ସମୀକ୍ଷା କରିଛନ୍ତି। ରାୟଗଡ଼ା ଜିଲାପାଳ ପାରୁଲ ପଟୱାରିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମୀକ୍ଷା ବୈଠକରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଉପସ୍ଥିତ ଥିଲେ। ସମୀକ୍ଷା ବୈଠକ ପୂର୍ବରୁ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଡ. ମନମୋହନ ସିଂଙ୍କ ନିମନ୍ତେ ୨ ମିନିଟ୍ ନୀରବ ପ୍ରାର୍ଥନା କରିଥିଲେ । ବୈଠକରେ ଜିଲାରେ ଚାଲୁଥିବା ରେଲୱେ ପ୍ରକଳ୍ପ, ଜାତୀୟ ରାଜପଥ ଯୋଜନା ଦ୍ୱାରା ହେବାକୁ ଥିବା ପ୍ରକଳ୍ପର ଅଗ୍ରଗତି, ରାସ୍ତା ଓ ଗୃହ ବିଭାଗ, ଗ୍ରାମୀୟ ନିର୍ମାଣ ବିଭାଗରେ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନା, ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା, ସେତୁବନ୍ଧ ଯୋଜନା, ବୃହତ୍ ସେତୁବନ୍ଧ ଯୋଜନା ଉପରେ ଆଲୋଚନା କରିଥିଲେ । ସେହିପରି ମହିଳା ଓ ଶିଶୁ ବିକାଶ ଯୋଜନା ଅନ୍ତର୍ଗତ ଅଙ୍ଗନୱାଡି କେନ୍ଦ୍ରର କାର୍ଯ୍ୟକାରିତା ଏବଂ ସୁଭଦ୍ରା ଯୋଜନା ଉପରେ ସମୀକ୍ଷା କରିଥିଲେ । ଜିଲାର ଖାଉଟି ସଂଖ୍ୟା, ରାଶନ କାର୍ଡ ଓ ଖାଦ୍ୟ ଆବଣ୍ଟନ, ଖରିଫ ଧାନ ସଂଗ୍ରହ ଉପରେ ଉପମୁଖ୍ୟମନ୍ତ୍ରୀ ସିଂଦେଓ ପଚାରି ବୁଝିଥିଲେ । ଏହାସହ ଓର୍‌ମାସ ତରଫରୁ ସ୍ୱୟଂ ସହାୟକଙ୍କ ଦ୍ୱାରା କ'ଣ ସବୁ କାର୍ଯ୍ୟକ୍ରମ ନିଆଯାଉଛି ସେ ଉପରେ ପଚାରି ବୁଝିଥିଲେ । ଏହାପରେ ଜିଲା ମଙ୍ଗଳ ବିଭାଗ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗରେ ବିଭିନ୍ନ ଯୋଜନାର କାର୍ଯ୍ୟକାରିତା, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଭିତ୍ତିଭୂମି ଓ ସ୍ୱାସ୍ଥ୍ୟସେବା ଯୋଗାଇବା ସକ୍ଷମ, ଅନ୍ୟାନ୍ୟ ଯୋଜନା ଓ କାର୍ଯ୍ୟକାରିତା ଉପରେ ଆଲୋଚନା କରିଥିଲେ । ମଧ୍ୟମ ଜଳସେଚନ ବିଭାଗର ବିଭିନ୍ନ ପ୍ରକଳ୍ପ, କାର୍ଯ୍ୟକାରିତାର ଅଗ୍ରଗତି, ଧାର୍ଯ୍ୟ ସମୟରେ କାର୍ଯ୍ୟ ସମ୍ପାଦନ ଆଦି ଉପରେ ଆଲୋଚନା କରିଥିଲେ। ଜଙ୍ଗଲ ବିଭାଗର ବନୀକରଣ, ଜଙ୍ଗଲ ନିଆଁ ପରିଚାଳନା ଓ ମଣିଷ ହାତୀ ବିବାଦର ପରିଚାଳନା ନେଇ ସମୀକ୍ଷା କରିଥିଲେ । ସେହିପରି ଟାଟା ପାୱାର ଉପରେ ଆଲୋଚନା କରି ଗ୍ରାମୀଣ ବିଦ୍ୟୁତ୍‌କରଣର ଅଗ୍ରଗତି ଓ ସମସ୍ୟା ଉପରେ ପଚାରି ବୁଝିଥିଲେ । ଗ୍ରାମୀଣ ଜଳଯୋଗାଣ ସଂସ୍ଥା ଉପରେ ସମୀକ୍ଷାକରି ପିଇବା ପାଣି ଓ ନଳରୁ ଜଳ ଯୋଗାଣ ପ୍ରକଳ୍ପ ଉପରେ ବୁଝିଥିଲେ । ସେହିପରି ସାମାଜିକ ସୁରକ୍ଷା ଯୋଜନାର କାର୍ଯ୍ୟକାରିତା, ଜିଲା ଶିଳ୍ପ କେନ୍ଦ୍ର, ଜିଲା ଦକ୍ଷତା ବିକାଶ, ଜିଲା ଶ୍ରମ ବିଭାଗ, କୃଷି ବିଭାଗ ଓ ସମବାୟ ଉପରେ ସମୀକ୍ଷାକରି ଫସଲ ବୀମା ଯୋଜନାରେ ଚାଷୀମାନେ ଯେପରି ଉପକୃତ ହେବେ ସମନ୍ୱୟ ରକ୍ଷାକରି କାର୍ଯ୍ୟ କରିବାକୁ ରାଜସ୍ୱ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ । ଗ୍ରାମୀଣ ଆବାସ ଯୋଜନା, ମହାତ୍ମା ଗାନ୍ଧୀ ନିଶ୍ଚିତ କର୍ମନିଯୁକ୍ତି ଯୋଜନାର ଅଗ୍ରଗତି, ଉଦ୍ୟାନ ବିଭାଗ, ମତ୍ସ୍ୟ ବିଭାଗ, ଜଳଛାୟା ମିଶନ, ଜିଲା ପ୍ରାଣୀ ସମ୍ପଦ ଆଦି ଉପରେ ସମୀକ୍ଷା କରିଥିଲେ।

ସମୀକ୍ଷା ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଆରକ୍ଷୀ ଅଧୀକ୍ଷକ ସ୍ୱାଥୀ ଏସ୍ କୁମାର, ଅତିରିକ୍ତ ଜିଲାପାଳ ଭାସ୍କର ରଇତ, ଜିଲା ପରିଷଦ ସିଡିଓ ଅକ୍ଷୟ ଖେମୁଣ୍ଡୁ, ଗୁଣପୁର ଉପଜିଲାପାଳ କିରଣଦୀପ କୌର ସାହୋଟା, ରାୟଗଡ଼ା ଉପଜିଲାପାଳ କଲ୍ୟାଣୀ ସଂଘମିତ୍ରା ଦେବୀ ଓ ଅନ୍ୟ ଜିଲାସ୍ତରୀୟ ଅଧିକାରୀ, ସମସ୍ତ ବିଡିଓ ଓ ତହସିଲଦାର ଉପସ୍ଥିତ ଥିଲେ ।


ସମୀକ୍ଷା ବୈଠକରେ ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ମନ୍ତ୍ରୀ ସୁରେଶ ପୂଜାରୀ ଏବଂ ଜିଲାପାଳ।

# ମାଓବାଦୀଙ୍କ ଗଡ଼ରେ ନୂଆ ମୋବାଇଲ ଟାୱାର ପ୍ରତିଷ୍ଠା

ମାଲକାନଗିରି,୨୭।୧୨ (ଦୁର୍ଯ୍ୟୋଧନ ପାତ୍ର)



ମୋବାଇଲ ଟାୱାର ନିକଟରେ ଯବାନମାନେ।

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ ସୁକ୍‌ମା ଜିଲାରେ ବର୍ତ୍ତମାନ ଉନ୍ନୟନ କାର୍ଯ୍ୟ ଜୋର୍‌ସୋରରେ ଚାଲିଥିବା ଦେଖିବାକୁ ମିଳିଛି। ଦିନକୁ ଦିନ ଏହି ଅଞ୍ଚଳର ବିଭିନ୍ନ ସ୍ଥାନରେ ସୁରକ୍ଷା କ୍ୟାମ୍ପ ପ୍ରତିଷ୍ଠା ହେବା ଫଳରେ ଯବାନମାନେ ମାଓବାଦୀଙ୍କ କବଳରୁ ଗ୍ରାମବାସୀଙ୍କୁ ସୁରକ୍ଷା ଦେବା ସହ ଅଞ୍ଚଳରେ ଉନ୍ନୟନ କାର୍ଯ୍ୟ ମଧ୍ୟ ତ୍ୱରାନ୍ୱିତ ହେବାରେ ଲାଗିଛି। ମାଓବାଦୀ ଗଡ଼ ଭାବେ ପରିଚିତ ଅଞ୍ଚଳରେ ନୂତନ ରାସ୍ତା, ପାନୀୟ ଜଳ ସୁବିଧା, ଶିକ୍ଷା, ସ୍ୱାସ୍ଥ୍ୟ ଭଳି ବହୁ ଉନ୍ନୟନ କାର୍ଯ୍ୟ କରାଯାଉଥିବା ବେଳେ ବର୍ତ୍ତମାନ ସୁକ୍‌ମା ଜିଲାରେ ନୂତନ ମୋବାଇଲ ଟାୱାର ପ୍ରତିଷ୍ଠା କରାଯାଇଛି। ସୁକ୍‌ମା ଜିଲା ପୋଲିସ ଅଧୀକ୍ଷକ କିରଣ ଚୌହାନଙ୍କ ପ୍ରୟାସରେ ଜିଲାର ସମ୍ବେଦନଶୀଳ ଅଞ୍ଚଳ ଭାବେ ପରିଚିତ ସଲାତେଙ୍ଗ ଓ ବେଦରେ ଅଞ୍ଚଳରେ ଜିଓ ଟାୱାର ଲଗାଯାଇଛି। ଫଳରେ ଏହି ୨ ଗ୍ରାମର ଲୋକେ ଉପକୃତ ହେବା ସହ ମାଓବାଦୀଙ୍କ ଆତଙ୍କରେ ଭୟଭୀତ ହୋଇ ରହୁଥିବା ଲୋକେ ସୁରକ୍ଷିତ ରହିବେ। କେବଳ ଗ୍ରାମବାସୀ ନୁହନ୍ତି, ମାଓବାଦୀଙ୍କ ଗତିବିଧିକୁ ମଧ୍ୟ ସହଜରେ ଜାଣିବାର ସୁବିଧା ହୋଇପାରିବ ବୋଲି ସୁକ୍‌ମା ଜିଲା ପୋଲିସ କହିଛି।

**ଏବେ ବନ୍ଧୁକର ଗୁଳି ନୁହେଁ, ଫୋନ୍ ଘଣ୍ଟି ବାଜିବ**

# ଓଡ଼ିଶା ଡ୍ରାଇଭର ମହାସଂଘର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ




ବୈଠକରେ ଉପସ୍ଥିତ ଡ୍ରାଇଭର ସଂଘର କର୍ମକର୍ତ୍ତା।

ଚିତ୍ରକୋଣ୍ଡା,୨୭।୧୨ (ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ)

ମାଲକାନଗିରି ଜିଲା ଚିତ୍ରକୋଣ୍ଡା କଲ୍ୟାଣ ମଣ୍ଡପଠାରେ ଓଡ଼ିଶା ଡ୍ରାଇଭର ମହାସଂଘର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ଓଡିଶା ରାଜ୍ୟ ଡ୍ରାଇଭର ମହାସଂଘର ସଭାପତି ପ୍ରଶାନ୍ତ ମେଣ୍ଡୁଲି ସଭାପତିତ୍ୱ କରିଥିଲେ। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ଚୈତନ୍ୟ ପ୍ରଧାନ, କୋଷାଧ୍ୟକ୍ଷ ଆଦିତ୍ୟ ପ୍ରସାଦ ବେହେରା, ଉପ ସଭାପତି ବୁଧିଆ ମହାପାତ୍ରଙ୍କ ସମେତ ୩୦୦ରୁ ଊର୍ଦ୍ଧ୍ୱ ସଦସ୍ୟ ଉପସ୍ଥିତ ଥିଲେ। ରାଜ୍ୟରେ ଡ୍ରାଇଭରମାନଙ୍କୁ ଅନେକ କ୍ଷେତ୍ରରେ ଅବହେଳା କରାଯାଉଛି। ଏଥିସହ ଆମର ବୀମା ରାଶି ଯଥେଷ୍ଟ ହେଉ ନାହିଁ ବୋଲି ବୈଠକରେ ମହାସଂଘର ସଭାପତି ମେଣ୍ଡୁଲି କହିଥିଲେ। ଏହାସହ ଅନେକ ଦାବି ପୂରଣ ହେଉ ନଥିବା ବେଳେ ସରକାର ଏଥିରେ ଅବହେଳା କରୁଥିବାରୁ କିପରି ଦାବିଗୁଡିକ ପୂରଣ ହେବ ସେନେଇ ବୈଠକରେ ଆଲୋଚନା କରଯାଇଥିଲା।

# ସାମ୍ବାଦିକ ସମନ୍ୱୟ କମିଟି ପକ୍ଷରୁ ବନ୍ଧୁମିଳନ



ବନ୍ଧୁମିଳନ କାର୍ଯ୍ୟକ୍ରମରେ ଉପସ୍ଥିତ ଖବରଦାତା।

ମାଲକାନଗିରି,୨୭।୧୨ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ବନ୍ଧୁଗାଁଠାରେ ଥିବା ବନ ବିଭାଗର ନର୍ସରୀ ମଧ୍ୟରେ ଶୁକ୍ରବାର ଜିଲା ସାମ୍ବାଦିକ ସମନ୍ୱୟ କମିଟି ପକ୍ଷରୁ ବନ୍ଧୁମିଳନ ଉତ୍ସ ଅନୁଷ୍ଠିତ ହୋଇଯାଇଛି। କମିଟିର ସଦସ୍ୟଙ୍କ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲାର ବିଭିନ୍ନ ଅଞ୍ଚଳରୁ ବିଭିନ୍ନ ଗଣମାଧ୍ୟମର ପ୍ରତିନିଧିମାନେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଖବରଦାତାମାନଙ୍କ ବିଭିନ୍ନ ସମସ୍ୟା ଓ କାର୍ଯ୍ୟ ବିଷୟରେ ଆଲୋଚନା କରାଯାଇଥିଲ। ପରେ ବନ୍ଧୁମିଳନ ଓ ବଣ ଭୋଜି ସହିତ ସୁର ଝଙ୍କାର କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ୩୩ ବର୍ଷ ପୂର୍ବେ ଯବାନଙ୍କଠାରୁ ମାଓବାଦୀ ଲୁଟି ନେଇଥିବା ବନ୍ଧୁକ ଜବତ

ମାଲକାନଗିରି,୨୭।୧୨(ଦୁର୍ଯ୍ୟୋଧନ ପାତ୍ର)



ଜବତ ଅସ୍ତ୍ରଶସ୍ତ୍ର।

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ ନାରାୟଣପୁର ଜିଲାରେ ପୋଲିସ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ଘଟି ବିପୁଳ ପରିମାଣ ଅସ୍ତ୍ରଶସ୍ତ୍ର ଜବତ ହୋଇଛି। ଏହି ଅସ୍ତ୍ରଶସ୍ତ୍ର ମଧ୍ୟରୁ ଗତ ୩୩ ବର୍ଷ ପୂର୍ବେ ଯବାନମାନଙ୍କଠାରୁ ମାଓବାଦୀମାନେ ଲୁଟି ନେଇଥିବା ବନ୍ଧୁକ ଥିବା ଦେଖିବାକୁ ମିଳିଛି। ତଥ୍ୟ ଅନୁଯାୟୀ, ୧୯୯୧ରେ ମହାରାଷ୍ଟ୍ର ଗଡଚିରୋଲି ଦୁମାରଗୁଣ୍ଡା ଜଙ୍ଗଲରେ ମାଓବାଦୀମାନେ ଯବାନଙ୍କ ଉପରେ ଲ୍ୟାଣ୍ଡମାଇନ ବିସ୍ଫୋରଣକରି ଯବାନମାନଙ୍କୁ ଆମ୍ବୁସରେ ଫସେଇ ଗୁଳି ଚାଳନା କରିଥିଲେ। ସେହି ସମୟରେ ୧୦ ଜଣ ଯବାନ ଶହୀଦ ହୋଇଥିବା ବେଳେ ୧୨ରୁ ଊର୍ଦ୍ଧ୍ୱ ଯବାନ ଆହତ ହୋଇଥିଲେ। ଘଟଣାସ୍ଥଳରୁ ମାଓବାଦୀମାନେ ଯବାନଙ୍କଠାରୁ ମୋଟ ୧୮ଟି ୩୦୩ ରାଇଫଲ ଓ ବହୁ ଅସ୍ତ୍ରଶସ୍ତ୍ର ଲୁଟି ନେଇଥିଲେ। ତେବେ ଗତ ଡିସେମ୍ବର ୧୨ରେ ପୋଲିସ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ଘଟିଥିବା ବେଳେ ୭ଜଣ ମାଓବାଦୀଙ୍କ ମୃତଦେହ ସହ ୩୦୩ ରାଇଫଲ ମଧ୍ୟ ଜବତ ହୋଇଛି। ଏହାର ତଦନ୍ତ କରିବା ପରେ ଏହି ବନ୍ଧୁକ ୩୩ ବର୍ଷ ପୂର୍ବେ ମାଓବାଦୀମାନେ ଲୁଟି ନେଇଥିବା ବନ୍ଧୁକ ବୋଲି ଜଣାପଡ଼ିଥିଲା। ମୃତ୍ୟୁବରଣ କରିଥିବା ମାଓବାଦୀଙ୍କ ମଧ୍ୟରୁ ଜଣେ ୨୫ ଲକ୍ଷ ଟଙ୍କା ଇନାମୀ ମାଓବାଦୀଙ୍କ ମୃତଦେହ ମଧ୍ୟ ଜବତ ହୋଇଥିବା ଜଣାପଡ଼ିଛି।

# ସୀମାନ୍ତରେ ଯବାନମାନେ ପାଳିଲେ କ୍ରିସ୍‌ମସ୍



ଯବାନମାନେ କ୍ରିସ୍‌ମସ୍ ପାଳନ କରୁଛନ୍ତି।

ମାଲକାନଗିରି, ୨୭।୧୨ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ ସୁକ୍‌ମା ଜିଲା ସାବ୍ରି ନଗରରସ୍ଥିତ ସିଆର୍‌ପିଏଫ୍ ଦ୍ୱିତୀୟ ବାଟାଲିୟନ ମୁଖ୍ୟ କାର୍ଯ୍ୟାଳୟରେ କର୍ପସର ଅଧିକାରୀ ଓ ଯବାନମାନଙ୍କ ସହ କମାଣ୍ଡାଣ୍ଟ ରତିକାନ୍ତ ବେହେରା କ୍ରିସ୍‌ମସ୍ ପର୍ବ ପାଳନ କରିଛନ୍ତି। ଏହି ଅବସରରେ ସମସ୍ତ ଧର୍ମାବଲମ୍ବୀ ଯବାନ ପରସ୍ପରକୁ କ୍ରିସ୍‌ମସ୍ ମହୋତ୍ସବର ଶୁଭେଚ୍ଛା ଜଣାଇବା ସହ ସେମାନଙ୍କୁ ଏବଂ ସେମାନଙ୍କ ପିଲାମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଓ ଉନ୍ନତ ସ୍ୱାସ୍ଥ୍ୟ କାମନା କରିଥିଲେ। ଏହି କ୍ରମରେ କର୍ପସ କାର୍ଯ୍ୟାଳୟରେ ସନ୍ଧ୍ୟାରେ କେକ୍ କାଟିବା, ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ପର୍ବ ମାଧ୍ୟମରେ ଲୋକମାନେ ନିଜ ପ୍ରେମ, ସମ୍ମାନ ବ୍ୟକ୍ତ କରିବା ସହ ଭାଇଚାରାର ବାର୍ତ୍ତା ଦେଇଛନ୍ତି ଏବଂ ପରସ୍ପରକୁ ପ୍ରେମ ଏବଂ ନିଜ ନିଜ ମଧ୍ୟରେ ସୁସମ୍ପର୍କ ଓ ବୁଝାମଣା ମାଧ୍ୟମରେ ଅଞ୍ଚଳର ବିକାଶ ପ୍ରତି ଗୁରୁତ୍ୱ ଦେଇଥିବା କମାଣ୍ଡାଣ୍ଟ ବେହେରା ପ୍ରକାଶ କରିଛନ୍ତି।

# ମନମୋହନ ସିଂଙ୍କ ବିୟୋଗରେ ଶୋକସଭା

ଏମଭି–୭୯, ୨୭।୧୨ (ଭିକି ବାରିକ)

ପୂର୍ବତନ ପ୍ରଧାନମନ୍ତ୍ରୀ ଡ. ମନମୋହନ ସିଂଙ୍କ ବିୟୋଗରେ ମାଲକାନଗିରି ଜିଲା କାଲିମେଳା ବ୍ଲକ୍ ଅନ୍ତର୍ଗତ ଏମ୍–ଭି ୭୯ସ୍ଥିତ ଡ. ଶ୍ୟାମାପ୍ରସାଦ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ଡ. ପ୍ରଦୀପ୍ତ କୁମାର ମିଶ୍ରଙ୍କ ନେତୃତ୍ୱରେ ସିଂଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା। ଭାରତର ଚତୁର୍ଦ୍ଦଶ ପ୍ରଧାନମନ୍ତ୍ରୀ ଡ. ସିଂ ଜଣେ ପ୍ରସିଦ୍ଧ ଚିନ୍ତକ ଓ ବିଦ୍ୱାନ ବ୍ୟକ୍ତି ଥିଲେ ବୋଲି ସ୍କୁଲ ଅଧ୍ୟକ୍ଷ ମିଶ୍ର କହିଛନ୍ତି। ଶୋକସଭାରେ ବିଦ୍ୟାଳୟର ସମସ୍ତ କର୍ମକର୍ତ୍ତା ଏବଂ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

# କଂଗ୍ରେସ ପକ୍ଷରୁ ପୂର୍ବତନ ପ୍ରଧାନମନ୍ତ୍ରୀଙ୍କ ବିୟୋଗରେ ଶୋକସଭା

ମାଲକାନଗିରି, ୨୭।୧୨ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା କଂଗ୍ରେସ କମିଟି ତରଫରୁ ଜିଲା କଂଗ୍ରେସ ଭବନଠାରେ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ




ଶୋକସଭାରେ ଉପସ୍ଥିତ କଂଗ୍ରେସ କର୍ମକର୍ତ୍ତା।

ମନମୋହନ ସିଂଙ୍କ ବିୟୋଗରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ମନମୋହନ ସିଂ କେବଳ କଂଗ୍ରେସ ଦଳର ଜଣେ ବରିଷ୍ଠ ନେତା ନୁହନ୍ତି, ସେ ଜଣେ ସୁଦକ୍ଷ ପ୍ରଧାନମନ୍ତ୍ରୀ ଭାବେ ଭାରତରେ ଦୀର୍ଘ ୧୦ ବର୍ଷ ଶାସନ କାଳରେ ବିଗତ ଦିନର ଅର୍ଥନୀତିକୁ ସୁଦୃଢ଼ କରିବାରେ ତାଙ୍କ ଅବଦାନ ଅତୁଳନୀୟ ବୋଲି କଂଗ୍ରେସ ନେତାମାନେ ମତବ୍ୟକ୍ତ କରିଥିଲେ। ଶୋକସଭାରେ ଜିଲା କଂଗ୍ରେସ କମିଟି ସଭାପତି ଗୋବିନ୍ଦ ପାତ୍ର, ଜି. ଶ୍ରୀନିବାସ ରାଓ, ପି. କେଶୁ ରାଓ, ପର୍ଶୁରାମ ଭକ୍ତ, ପ୍ରାଣକୃଷ୍ଣ ମଣ୍ଡଳ, ପ୍ରଭାକର ପାଳ ପ୍ରମୁଖ ଉପସ୍ଥିତ ଥିଲେ।

# ପୁରସ୍କାର ରାଶି ସହ ସାର୍ଟିଫିକେଟ୍ ଗ୍ରହଣକଲେ ବିଡିଓ

ତେନ୍ତୁଲିଖୁଣ୍ଟି, ୨୭।୧୨(ଚିଦାନନ୍ଦ ସାହୁ)

**ତେନ୍ତୁଲିଖୁଣ୍ଟି ବ୍ଲକ୍ ଏବିପି ଡେଲ୍ଟା ର୍ୟାଙ୍କିଙ୍ଗ୍‌ରେ ଦ୍ୱିତୀୟ**

ଏବିପି ଡେଲ୍ଟା ର୍ୟାଙ୍କରେ ନବରଙ୍ଗପୁର ଜିଲା ତେନ୍ତୁଲିଖୁଣ୍ଟି ଦ୍ୱିତୀୟ ସ୍ଥାନ ଲାଭ କରିଛି। ନୀତି ଆୟୋଗ ଉତ୍ତମ ର୍ୟାଙ୍କରେ ଥିବା ଆକାଂକ୍ଷା ବ୍ଲକ୍‌ଗୁଡ଼ିକୁ ଆର୍ଥିକ ପୁରସ୍କାର ପ୍ରଦାନ କରିଛନ୍ତି। ପ୍ରଥମ ସ୍ଥାନରେ ଥିବା ଆର୍. ଉଦୟଗିରି ବ୍ଲକ୍‌କୁ ୩ କୋଟି, ଦ୍ୱିତୀୟ ସ୍ଥାନରେ ଥିବା ତେନ୍ତୁଲିଖୁଣ୍ଟି ବ୍ଲକ୍‌କୁ ୨ କୋଟି ଟଙ୍କା ପୁରସ୍କାର ସ୍ୱରୂପ ମିଳିଛି। ଜିଲାପାଳ ଶୁଭଙ୍କର ମହାପାତ୍ର ଏହି ସାର୍ଟିଫିକେଟ ଓ କ୍ୟାଶ୍ ପୁରସ୍କାର ତେନ୍ତୁଲିଖୁଣ୍ଟି ବିଡିଓ ମନୋଜ କୁମାର ପାଣିଗ୍ରାହୀଙ୍କୁ ପ୍ରଦାନ କରିଛନ୍ତି। ବିଡିଓ ଶିକ୍ଷା ଓ ଗଣଶିକ୍ଷା, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ଶିଶୁ ମଙ୍ଗଳ, କୃଷି ବିଭାଗ ଅଧିକାରୀ, ସେମାନଙ୍କ ଷ୍ଟାଫ୍‌ଙ୍କ ସହ ବ୍ଲକ୍ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଜଗମୋହନ ମାଝି, ଡାଟା ଏଣ୍ଟ୍ରିଅପରେଟର ଗୌରୀ ଓ ତାଙ୍କ ସହଯୋଗୀଙ୍କୁ ପୁରସ୍କାରର ଶ୍ରେୟ ଦେଇଛନ୍ତି। ଉକ୍ତ ଅର୍ଥ ରାଶିର ବିନିଯୋଗ ଦୀର୍ଘକାଳୀନ ଉପଯୋଗୀ କ୍ଷେତ୍ର ଯେଭଳି ବ୍ଲକ୍‌ରେ ଅତିଥି ଭବନ, ବ୍ଲକ୍‌ରେ ଥିବା ପର୍ଯ୍ୟଟନ କ୍ଷେତ୍ର ବିକାଶ, ଇନ୍ଦ୍ରାବତୀ ଜଳଭଣ୍ଡାରରେ ପର୍ଯ୍ୟଟନ ତଥା ଜଳବନ୍ଦୀବାସୀଙ୍କ ସୁବିଧା ପାଇଁ ମୋଟର ଚଳିତ ଲଞ୍ଚ କ୍ରୟ ଆଦିରେ ବିନିଯୋଗ ପାଇଁ ପ୍ରସ୍ତାବ ଦିଆଯିବ ବୋଲି ବିଡିଓ କହିଛନ୍ତି। ୩୧ ମାର୍ଚ୍ଚ ସୁଦ୍ଧା ପ୍ରସ୍ତାବ ଦେବା ସମୟ ସୀମା ରହିଛି। ଦକ୍ଷତା ବିକାଶରେ ଆର୍ଥିକ ବିକାଶ ସମ୍ଭବ। ଏଣୁ ବ୍ଲକ୍‌ରେ ଦକ୍ଷତା ବିକାଶ କେନ୍ଦ୍ର ଆରମ୍ଭ କରିବା ଓ ଜଳସେଚନ ନିମନ୍ତେ ଜଳ ଉତ୍ସ ସୃଷ୍ଟି ପାଇଁ ପ୍ରୟାସ କରାଯିବ ବୋଲି ବିଡିଓ କହିଛନ୍ତି।




ବିଡିଓ ଓ ଅନ୍ୟ ଅଧିକାରୀ ପୁରସ୍କାର ରାଶି ସହ ସାର୍ଟିଫିକେଟ୍ ଗ୍ରହଣ କରୁଛନ୍ତି।

# ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂଙ୍କ ଶ୍ରଦ୍ଧାଞ୍ଜଳି ସଭା

ନବରଙ୍ଗପୁର/ଉମରକୋଟ,୨୭।୧୨ (ସଦାଶିବ ପ୍ରହରାଜ/ସନ୍ତୋଷ ଶତପଥୀ)

ସ୍ୱାଧୀନତା ସଂଗ୍ରାମୀ ଶହୀଦ ସଂସଦ ରାଜ୍ୟ ସଭାପତି ମୁନା ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ପୂର୍ବତନ ପ୍ରଧାନମନ୍ତ୍ରୀ ଡ. ମନମୋହନ ସିଂଙ୍କ ଉଦ୍ଦେଶ୍ୟରେ ଏକ ଶ୍ରଦ୍ଧାଞ୍ଜଳି ସଭା ସ୍ଥାନୀୟ ଶାସ୍ତ୍ରୀ ଭବନରେ ଅନୁଷ୍ଠିତ ହୋଇଯାଇଛି। ମାନମହନ ସିଂ ଜଣେ ଜ୍ଞାନୀ, ସରଳ ଓ ବଳିଷ୍ଠ ଅର୍ଥନୈତିଜ୍ଞ ଭାବେ ନିଜ ପରିଚୟ ସୃଷ୍ଟି କରିପାରିଥିଲେ। ଜଣେ ପ୍ରଶାସକ ରାଜନୀତିକୁ ଆସିଥିଲେ। ସେ ଅର୍ଥମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀ ଥିଲେ। ତାଙ୍କର ଜ୍ଞାନ ଅତୁଳନୀୟ ବୋଲି ମୁନା ତ୍ରିପାଠୀ କହିଥିଲେ। ମନମୋହନ ସିଂ ଦେଶ ଓ ଜନ ହିତକର କାମ କରିଆସୁଥିଲେ ବୋଲି ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ କହିଥିଲେ। ଭାରତବର୍ଷର ଜଣେ ସୁଯୋଗ୍ୟ ସନ୍ତାନକୁ ହରାଇଛୁ ବୋଲି ଡାବୁଗାଁ ବିଧାୟକ ମନୋହର ରନ୍ଧାରି କହିଥିଲେ। ପୂର୍ବତନ ବିଧାୟକ ସଦାଶିବ ପ୍ରଧାନୀ ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ। ପ୍ରାକ୍ତନ ପ୍ରାଧ୍ୟାପକ ଡ. ବିଜୟ କୁମାର ମିଶ୍ର, ନବରଙ୍ଗପୁର ବିକାଶ ପରିଷଦର ଅଧ୍ୟକ୍ଷ ସିରାଜୁଦ୍ଦିନ ଅହମ୍ମଦ, ଖବରଦାତା ବାଙ୍କ ବିହାରୀ ବିଷୋୟୀ, ନିଗମାନନ୍ଦ ଆଶ୍ରମର ସଭାପତି ନାରାୟଣ ପଣ୍ଡା, ରାଜ୍ୟ ସଭା ପୂର୍ବତନ ସଦସ୍ୟ ଭଗବାନ ମାଝୀ, ନଗେନ୍ଦ୍ର ପଟ୍ଟନାୟକ, ରାଜ୍ୟ ଅମଲା ସଂଘ ସଭାପତି ତ୍ରିପତି ବାଲାଜି ସାହୁ, ଭାଜପା ଜିଲା ସାଧାରଣ ସମ୍ପାଦକ ଦେବଦାସ ମହାକୁଡ଼, ଦକ୍ଷିଣ ଓଡ଼ିଶାରେ ଆଦିବାସୀ ବିକାଶ ପରିଷଦର ଅଧ୍ୟକ୍ଷ ଅର୍ଜୁନ ଭତରା, ସାମାଜିକ କର୍ମୀ କାଦମ୍ବିନୀ ତ୍ରିପାଠୀ, କୌଶଲ୍ୟା ପ୍ରଧାନୀ, ପରି ସାହୁ, ପ୍ରକାଶ ସାମନ୍ତରାୟ, ପ୍ରଭାସିନୀ ମହାନ୍ତି, ଜନଜାତି ସୁରକ୍ଷା ମଞ୍ଚ ସଭାପତି ଗୋପୀନାଥ ମାଝୀ, ସର୍ବେଶ୍ୱର ପାତ୍ର, ନିରଞ୍ଜନ ମିଶ୍ର, ଲଳିତ ମୋହନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।




ନବରଙ୍ଗପୁରରେ ଆୟୋଜିତ ସ୍ମୃତିସଭାରେ ବିଭିନ୍ନ ରାଜନୈତିକ ଦଳର ନେତା, ବୁଦ୍ଧିଜୀବୀ ଓ ଅନ୍ୟମାନେ।

ଉମରକୋଟ କଂଗ୍ରେସ ପକ୍ଷରୁ ଟାଉନ୍ ସଭାପତି ମାର୍କଣ୍ଡ ସାହୁଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ କଂଗ୍ରେସ ଭବନରେ ଏକ ଶୋକସଭା କରାଯାଇଛି। ସେଠାରେ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। କଂଗ୍ରେସ ନେତା ସନରାଜ ଗଣ୍ଡ, ବିଘ୍ନରାଜ ସାନ୍ତ୍ରା, ବ୍ଲକ କଂଗ୍ରେସ କମିଟି ସଭାପତି କୃଷ୍ଣ ମାଝୀ, ନଗର କଂଗ୍ରେସ କମିଟି ସମ୍ପାଦକ ପର୍ଶୁରାମ ନାୟକ, ଉପ ସଭାପତି ଏସ୍.ବିଜୟ, ବରିଷ୍ଠ କଂଗ୍ରେସ ନେତା ଶଙ୍କର ଦେ, ଇସା ଲାଠିଆ, ସୁରେନ୍ଦ୍ର ନାୟକ, ଜଗନ୍ନାଥ ହରିଜନ, ଯୁବନେତା ଅଦିତ୍ୟ ସାହୁ, କେ.ପେଣ୍ଡା ରାଓ, କଂଗ୍ରେସ ନେତ୍ରୀ ସୁନ୍ଦୁଲା ଧୁରିଆ, ପଙ୍କଜିନୀ ପଟ୍ଟନାୟକ, ଗଣେଶ କୁର୍ମି, ଅମିର ସାହା, ରାଜୁ ଖରାଙ୍କ ସମେତ ପ୍ରାୟ ୫୦ରୁ ଊର୍ଦ୍ଧ୍ୱ କର୍ମୀ ଉପସ୍ଥିତ ଥିଲେ। ବରିଷ୍ଠ କଂଗ୍ରେସ ନେତା ଶଙ୍କର ଦେ ଧନ୍ୟବାଦ ଅର୍ପଣ କରିଥିଲେ।

# କଳାକାରଙ୍କ ଅଭିଯୋଗକୁ ଖଣ୍ଡନ କଲେ ଜିଲା ସଂସ୍କୃତି ଅଧିକାରୀ

ନବରଙ୍ଗପୁର,୨୭।୧୨(ସଦାଶିବ ପ୍ରହରାଜ)

**କଳାକାର ଚୟନ ପ୍ରକ୍ରିୟାରେ ଅନିୟମିତତା ଅଭିଯୋଗ**

ପୂର୍ବ ବର୍ଷଗୁଡ଼ିକରେ ପ୍ରଚଳିତ ଚୟନ ପ୍ରକ୍ରିୟାକୁ ଖିଲାପ କରାଯାଇ ବିନା ଚୟନରେ ରାଜ୍ୟସ୍ତରକୁ କେତେଜଣ କଳାକାରଙ୍କୁ ପଠାଯାଇଥିବା ନେଇ ସ୍ଥାନୀୟ ଯୁବ କଳାକାରଙ୍କ ସମେତ ବରିଷ୍ଠ କଳାକାରମାନେ ଏକ ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ ୨୫ ତାରିଖରେ କ୍ଷୋଭ ପ୍ରକାଶ କରିଥିଲେ। ତାହାକୁ ଜିଲା ସଂସ୍କୃତି ଅଧିକାରୀ ଘସିଆ ହରିଜନ ଖଣ୍ଡନ କରିଛନ୍ତି। ଯୁବ ମହୋତ୍ସବ ପାଇଁ ନେହେରୁ ଯୁବକେନ୍ଦ୍ର ଓ ଜିଲା ସଂସ୍କୃତି ବିଭାଗ ମିଳିତ ଆନୁକୂଲ୍ୟରେ ୧୭ ତାରିଖରେ ଏକ ପ୍ରତିଯୋଗିତା ସ୍ମାର୍ଟ ଗୁରୁକୁଳଠାରେ ଅନୁଷ୍ଠିତ ହୋଇଥିଲା। ଏହାସମେତ ଜିଲା ସଂସ୍କୃତି ପରିଷଦ ଅଧ୍ୟକ୍ଷ ତଥା ଜିଲାପାଳଙ୍କ ଚିଠି ସଂଖ୍ୟା ୪୩୮ ଅନୁଯାୟୀ ପୌରାଞ୍ଚଳ ଓ ବ୍ଲକ୍‌ସ୍ତରରେ ପ୍ରତିଯୋଗିତା କରିବା ପାଇଁ ଚିଠି ମଧ୍ୟ କରାଯାଇଥିଲା। ସମସ୍ତ ବିଡିଓ, ପୌର ନିର୍ବାହୀ ଅଧିକାରୀ, ଡିଇଓ ଏବଂ ଜିଲା ମଙ୍ଗଳ ଅଧିକାରୀଙ୍କୁ ଅବଗତ କରାଯାଇଥିଲା। ଏହି ପ୍ରତିଯୋଗିତାଗୁଡିକରେ ପ୍ରଥମ ସ୍ଥାନ ଅଧିକାର କରିଥିବା କଳାକାରମାନଙ୍କୁ ରାଜ୍ୟ ଯୁବ ମହୋତ୍ସବ ପ୍ରତିଯୋଗିତାକୁ ପଠାଯାଇଥିଲା। ତେବେ ଏଥିପାଇଁ ଜିଲା ସଂସ୍କୃତି ବିଭାଗ ପକ୍ଷରୁ କୌଣସି ସ୍ୱତନ୍ତ୍ର ଆୟୋଜନ କରାଯାଇ ନ ଥିଲା। ରାଜ୍ୟ ସଂସ୍କୃତି ବିଭାଗ ପକ୍ଷରୁ କୌଣସି ଅନୁଦାନ ବା ଅର୍ଥ ପ୍ରଦାନ କରାଯାଇ ନ ଥିଲା। କଳାକାରମାନେ ଯେଉଁ ଅଭିଯୋଗ କରୁଛନ୍ତି ତାହା ଭିତ୍ତିହୀନ ବୋଲି ଜିଲା ସଂସ୍କୃତି ଅଧିକାରୀ କହିଥିଲେ। ସୂଚନାନୁଯାୟୀ, ସ୍ଥାନୀୟ କଳାକାରମାନେ ୨୫ ତାରିଖ ଦିନ ଅଭିଯୋଗ ଆଣିଥିଲେ ଯେ, ପ୍ରତି ବର୍ଷ ରାଜ୍ୟସ୍ତରୀୟ ଯୁବ ମହୋତ୍ସବ କାର୍ଯ୍ୟକ୍ରମ ପାଇଁ ନବରଙ୍ଗପୁର ଜିଲାର ଯୁବ କଳାକାରମାନେ ଅଂଶ ଗ୍ରହଣ କରୁଥିଲେ। ଏହି କାର୍ଯ୍ୟକ୍ରମ ପାଇଁ ପ୍ରଥମେ ଜିଲା ପ୍ରଶାସନ ପକ୍ଷରୁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରାଯାଉଥିଲା। ଏଥିରେ ସମଗ୍ର ଜିଲାର କଳାକାରମାନେ ବିଭିନ୍ନ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରୁଥିଲେ। ବିଚାରକମାନେ ଯୋଗ୍ୟତା ଭିତ୍ତିରେ ପ୍ରତିଯୋଗୀଙ୍କୁ ଚୟନକରି ରାଜ୍ୟସ୍ତରୀୟ ଯୁବ ମହୋତ୍ସବକୁ ପ୍ରେରଣ କରୁଥିଲେ। ତେବେ ଚଳିତ ବର୍ଷ ଏହି ପ୍ରକ୍ରିୟାରେ ଖିଲାପ କରାଯାଇ ବିନା ଚୟନରେ କେତେଜଣ କଳାକାରଙ୍କୁ ଭୁବନେଶ୍ୱରଠାରେ ଆୟୋଜିତ ଯୁବ ମହୋତ୍ସବକୁ ପ୍ରେରଣ କରାଯାଇଛି ବୋଲି ଅଭିଯୋଗ କରାଯାଇଛି।

# ଜିଲା ଯୋଗାଣ ଅଧିକାରୀଙ୍କୁ ଦାବିପତ୍ର

ଜୟପୁର,୨୭।୧୨(ପବନ ପାଣିଗ୍ରାହୀ)

ଜୟପୁର ବ୍ଲକ୍ ଅନ୍ତର୍ଗତ କଙ୍ଗା ପଞ୍ଚାୟତର ଚାଷୀ ମଣ୍ଡିରୁ ଧାନ ଉଠୁ ନ ଥିବାରୁ ଜିଲା ଯୋଗାଣ ଅଧିକାରୀଙ୍କ ଦ୍ୱାରସ୍ଥ ହୋଇ ଶୁକ୍ରବାର ଦାବିପତ୍ର ପ୍ରଦାନ କରିଛନ୍ତି। ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ପ୍ରଦୀପ କୁମାର ପଣ୍ଡା ଦାବିପତ୍ର ଗ୍ରହଣ କରିଛନ୍ତି। ଚାଷୀ ବହୁ ଅସୁବିଧାରେ ଧାନ ଅମଳ କରି ମଣ୍ଡିକୁ ମାସ ମାସ ଅପେକ୍ଷା କରିଥିଲେ ସୁଦ୍ଧା ଧାନ ଉଠୁ ନ ଥିବା ଅଭିଯୋଗ ହୋଇଛି। ସରକାର ମଣ୍ଡିକୁ ଧାନ ଆଣିବା ପାଇଁ ଘୋଷଣା କରିବା ପରେ ଚାଷୀ କଙ୍ଗା ମଣ୍ଡିରେ ନେଇ ଧାନ ରଖିଛନ୍ତି। କିନ୍ତୁ ୨୦ ଦିନ ବିତିଥିଲେ ମଧ୍ୟ ମିଲର ଧାନ ଉଠାଉ ନାହାନ୍ତି। ମିଲରମାନଙ୍କୁ ପଚାରିଲେ ସେମାନେ ଠିକ୍ ଉତ୍ତର ଦେଉନାହାନ୍ତି। କଟ୍‌ନ ଛଟ୍‌ନି କଥା କହି ଫାଙ୍କି ଦେଉଛନ୍ତି। ସରକାର କଟ୍‌ନ ଛଟ୍‌ନି କରିବାକୁ ବାରଣ କରିଥିଲେ ସୁଦ୍ଧା ମିଲ ମାଲିକମାନେ ଶୁଣୁ ନାହାନ୍ତି କି ଧାନ ଉଠାଉ ନ ଥିବାରୁ ଚାଷୀମାନେ ବହୁତ ହଇରାଣ ହେଉଛନ୍ତି। ପ୍ରଶାସନ ହସ୍ତକ୍ଷେପ କରି ତୁରନ୍ତ ମଣ୍ଡିରୁ ଧାନ ଉଠାଇବେ ନଚେତ୍ ଚାଷୀ ଆତ୍ମହତ୍ୟା କରିବେ ବୋଲି କଙ୍ଗା ପଞ୍ଚାୟତର ଡମ୍ବରୁ ହରିଜନ, ଲକ୍ଷ୍ମୀ ନାଥ ରଣା, ମନମଥ କୁମାର ପଣ୍ଡା ଓ ବଳରାମ ରନ୍ଧାରି ଚେତାବନୀ ଦେଇଛନ୍ତି। ଏହି ଦାବିପତ୍ରର ନକଲ ଜିଲାପାଳ, ଉପଜିଲାପାଳ ଓ ବିଧାୟକଙ୍କୁ ପ୍ରଦାନ କରାଯାଇଛି।



ଯୋଗାଣ ଅଧିକାରୀଙ୍କ ସହ ଚାଷୀମାନେ ଆଲୋଚନା କରୁଛନ୍ତି ।

# ରାଜ୍ୟସ୍ତରୀୟ ଯୁବ ମହୋତ୍ସବ ଏକକ ନୃତ୍ୟରେ ନିରୁପମା ପ୍ରଥମ

ନବରଙ୍ଗପୁର,୨୭।୧୨(ସଦାଶିବ ପ୍ରହରାଜ)

ରାଜ୍ୟସ୍ତରୀୟ ଯୁବ ମହୋତ୍ସବ ଏକକ ନୃତ୍ୟରେ ନବରଙ୍ଗପୁର ସହରସ୍ଥିତ ଗଦବାଗୁଡ଼ା ସାହିର ନିରୁପମା ନାୟକ ପ୍ରଥମ ହୋଇଛନ୍ତି। ଭୁବନେଶ୍ୱରସ୍ଥିତ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରଠାରେ ୨୪ରୁ ୨୬ ତାରିଖ ପର୍ଯ୍ୟନ୍ତ ରାଜ୍ୟସ୍ତରୀୟ ଯୁବ ମହୋତ୍ସବ ଅନୁଷ୍ଠିତ ହୋଇଥିଲା। ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏକକ ନୃତ୍ୟରେ ନିରୁପମା ପ୍ରଥମ ହୋଇ ଜିଲାର ସୁନାମ ରଖିଛନ୍ତି। ସେ ଜାତୀୟସ୍ତରକୁ ମନୋନୀତ ହୋଇଛନ୍ତି। ମଞ୍ଚରେ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ବିଜୟକେତନ ଉପାଧ୍ୟାୟ ମାନପତ୍ର ଓ ୭ ହଜାର ଟଙ୍କାର ଚେକ ପ୍ରଦାନକରି ତାଙ୍କୁ ସମ୍ମାନିତ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଯୁଗ୍ମ ସଚିବ ସୁବୋଧ ଚନ୍ଦ୍ର ଆଚାର୍ଯ୍ୟ, ଉପନିର୍ଦ୍ଦେଶିକା ଶୁଚିସ୍ମିତା ମନ୍ତ୍ରୀ, କ୍ରୀଡ଼ା ଓ ଯୁବସେବା ନିର୍ଦ୍ଦେଶକ ପ୍ରମୁଖ ଉପସ୍ଥିତ ଥିଲେ। ନିରୁପମାଙ୍କ ଏହି ସଫଳତାକୁ ନେଇ ଜିଲାପାଳ ଡ. ଶୁଭଙ୍କର ମହାପାତ୍ର, ଜିଲା ସଂସ୍କୃତି ଅଧିକାରୀ ଘସିଆ ହରିଜନ ଓ କଳା ପ୍ରେମୀ ଶୁଭେଚ୍ଛା ଜଣାଇଛନ୍ତି। ନିରୁପମା ଏହି ସଫଳତାର ଶ୍ରେୟ ମାଆ କଞ୍ଚନମାଳା, ବାପା ଦିଲୀପ କୁମାର ନାୟକଙ୍କୁ ଦେଇଛନ୍ତି।




ଅତିଥିମାନେ ନିରୁପମାଙ୍କୁ ପୁରସ୍କୃତ କରୁଛନ୍ତି।

